### ■ ହୀରାକୁଦରେ ଅତିରିକ୍ତ ସ୍ପିଲ୍‌ୱେ ନିର୍ମାଣ ପ୍ରସଙ୍ଗ

# ରାଜ୍ୟ ସରକାରଙ୍କୁ ସିଡବ୍ଲୁସି ଦେଲା ପ୍ରସ୍ତାବ

ସମ୍ବଲପୁର,୧୩।୭(ବ୍ୟୁରୋ): ହୀରାକୁଦ ବନ୍ଧରେ ଅତିରିକ୍ତ ସ୍ପିଲୱେ ନିର୍ମାଣ ପ୍ରସ୍ତାବ ନେଇ ସରକାରୀ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଗତ ୨୫ ତାରିଖରେ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲୁସି)ର ପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏହି ପ୍ରସ୍ତାବ ଉପସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ପ୍ରସ୍ତାବରେ ନିଜ ସହମତି ପ୍ରକାଶ କରିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। କେନ୍ଦ୍ରୀୟ ବିଶେଷଜ୍ଞ ଦଳ ଏହାର ଅନୁଧ୍ୟାନ କରି ଫେରିବା ପରେ ବର୍ତ୍ତମାନ ଚୂଡ଼ାନ୍ତ ସ୍ଥାନ ନିରୂପଣ ପାଇଁ ମାଟି ପରୀକ୍ଷା ଜାରି ରହିଛି। ଏଭଳି ସ୍ଥିତିରେ ରାଜ୍ୟ ସରକାରଙ୍କ ଅବଗତି ନିମନ୍ତେ ସିଡବ୍ଲ୍ୟୁସି ଏହି ପ୍ରକଳ୍ପର ବୈଷୟିକ ଦିଗ ଉପରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛି। ପ୍ରସ୍ତାବିତ ତିନୋଟି ସ୍ଥାନର ବୈଷୟିକ ଅନୁଧ୍ୟାନ ପରେ ବିଧିବଦ୍ଧ ପ୍ରସ୍ତାବ ଦିଆଯିବ ବୋଲି ଜଣାପଡ଼ିଛି।

ଭବିଷ୍ୟତରେ ହୀରାକୁଦକୁ ଅଧିକ ୧୨ ଲକ୍ଷ କ୍ୟୁସେକ୍ ପର୍ଯ୍ୟନ୍ତ ବନ୍ୟା ପାଣି ଆସିବାର ଆକଳନ କରିଛନ୍ତି ବିଶେଷଜ୍ଞ। ବର୍ତ୍ତମାନ ଏକକାଳୀନ ୧୫ ଲକ୍ଷ କ୍ୟୁସେକ୍ ପାଣି ନିଷ୍କାସନ ପାଇଁ ହୀରାକୁଦରେ ବ୍ୟବସ୍ଥା ରହିଛି। ହେଲେ ଅତିରିକ୍ତ ୧୨ ଲକ୍ଷ କ୍ୟୁସେକ୍ ପାଣି ଛାଡ଼ିବା ପାଇଁ ଅଧିକ ସ୍ପିଲୱେ ନିର୍ମାଣ କରିବାକୁ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲୁସି) ଯୋଜନା ପ୍ରସ୍ତୁତ କରିଥିଲା। ବିଶ୍ୱ ବ୍ୟାଙ୍କ ଅନୁଦାନରେ ପରିଚାଳିତ ଡ୍ରିପ୍ ଅଧୀନରେ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ଗତ ଅପ୍ରେଲ ୧୪ରେ ଏକ ୧୨ ଜଣିଆ ଦଳ ହୀରାକୁଦ ବନ୍ଧ ପରିଦର୍ଶନରେ ଆସିଥିଲେ। ଏହି ଦଳ



ବନ୍ଧର ବୁର୍ଲା ପଟ ରାଇଟ୍ ଡାଇକ୍‌ର ୨ଟି ସ୍ଥାନ ଏବଂ ହୀରାକୁଦ ପଟ ଲେଫ୍ଟ ଡାଇକ୍‌ର ଗୋଟିଏ ସ୍ଥାନ ବୁଲି ଅନୁଧ୍ୟାନ କରିଥିଲେ। ସେମାନଙ୍କ ଗସ୍ତ ପରେ ଗତ ପ୍ରାୟ ମାସେ ହେବ ପ୍ରସ୍ତାବିତ ତିନୋଟି ସ୍ଥାନର ବୈଷୟିକ ଅନୁଧ୍ୟାନ ଆରମ୍ଭ ହୋଇଛି। ମାଟି ନମୁନା ପାଇଁ ଗାନ୍ଧୀ ମିନାର ଏବଂ ଏହାର ତଳ ଭାଗରେ ଡ୍ରିଲିଂ କାମ ଚାଲିଛି। ଏହାପରେ ରାଇଟ୍ ଡାଇକ୍‌ର ପ୍ରସ୍ତାବିତ ସ୍ଥାନର ମାଟି ନମୁନା ପରୀକ୍ଷା କରାଯିବ। ତେବେ, ଏହାର ବୈଷୟିକ ଅନୁଧ୍ୟାନ ଜାରି ରହିଥିବା ବେଳେ ପ୍ରସ୍ତାବିତ ପ୍ରକଳ୍ପ ନେଇ ସିଡବ୍ଲ୍ୟୁସି ପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଏଥିରେ ପାୱାର୍ ପଏଣ୍ଟ ଜରିଆରେ ଦେଶର ଅନ୍ୟ ବଡ଼ ବଡ଼ ବନ୍ଧର ସ୍ଥିତି ସହ ହୀରାକୁଦ ବନ୍ଧ ନେଇ ଆଲୋଚନା ହୋଇଥିଲା। ୫ ଶହ ବର୍ଷକୁ ଆଖିରେ ରଖି ବନ୍ଧର ସୁରକ୍ଷା ଦୃଷ୍ଟିରୁ ଏହି ପ୍ରକଳ୍ପ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସିଡବ୍ଲୁସି ତଥ୍ୟ ରଖିଥିଲା। ବନ୍ଧର ସୁରକ୍ଷା ତଥା ସମ୍ବଲପୁରକୁ ପଛୁଆ ପାଣି ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ଏହି ପ୍ରକଳ୍ପର ଆବଶ୍ୟକତା ଥିବା ନେଇ ସିଡବ୍ଲ୍ୟୁସି ତଥ୍ୟ ରଖିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିରେ ନିଜର ସହମତି ପ୍ରକାଶ କରିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସିଡବ୍ଲ୍ୟୁସିର ଯୋଜନା ମୁତାବକ ରାଇଟ୍ ଡାଇକ୍‌ର ପ୍ରସ୍ତାବିତ ସ୍ପିଲ୍‌ୱେରୁ ୭ ଲକ୍ଷ କ୍ୟୁସେକ୍ ଏବଂ ଲେଫ୍ଟ ଡାଇକ୍ ସ୍ପିଲ୍‌ୱେରୁ ୫ ଲକ୍ଷ କ୍ୟୁସେକ୍ ପର୍ଯ୍ୟନ୍ତ ପାଣି ଛାଡ଼ିବା ପାଇଁ ଲକ୍ଷ୍ୟ ରଖାଯାଇଛି। ରାଇଟ୍ ଡାଇକ୍ ପଟର ସ୍ପିଲ୍‌ୱେ ପାଣି ଝାଇଁଯୋର ନାଳ ଦେଇ ପ୍ରବାହିତ ହେବାକୁ ଥିବା ବେଳେ ଲେଫ୍ଟ ଡାଇକ୍‌ର ପାଣି ସିଧା ମହାନଦୀରେ ପଡ଼ିବ ବୋଲି ଯୋଜନା ରହିଛି।